# OFSDP

# ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ

## ପ୍ରକଳ୍ପ ସୂଚନାପତ୍ର

ଭାଗ – ୧ ସଂସ୍କରଣ – ୩ | ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ ପ୍ରକଳ୍ପ କ୍ଷେତ୍ର ପରିଦର୍ଶନର ବିଶେଷ ସଂଖ୍ୟା | ଜାନୁଆରୀ, ୨୦୦୮

## ପ୍ରକଳ୍ପ ନିର୍ଦ୍ଦେଶକଙ୍କ କଲମରୁ


ଦୀର୍ଘସୂତ୍ରୀ ଜଙ୍ଗଲ ବିକାଶ ଏବଂ ବିକଳ୍ପ ରୋଜଗାରକ୍ଷମ କାର୍ଯ୍ୟକ୍ରମ ଜରିଆରେ ଦାରିଦ୍ର୍ୟ ଦୂରୀକରଣ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ପ୍ରମୁଖ ଉଦ୍ଦେଶ୍ୟ ଅଟେ । ପ୍ରକଳ୍ପର ଅଧିକାଂଶ କାର୍ଯ୍ୟକ୍ରମ ବନ ସଂରକ୍ଷଣ ସମିତି ଦ୍ୱାରା ପ୍ରସ୍ତୁତ ବ୍ୟାପକ ଅଣୁଯୋଜନା ମାଧ୍ୟମରେ କାର୍ଯ୍ୟକାରୀ କରାଯିବ । ଉପରୋକ୍ତ ଲକ୍ଷ୍ୟ ହାସଲ ପାଇଁ ଜଙ୍ଗଲ ବିଭାଗ, ବନ ସଂରକ୍ଷଣ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଗ୍ରାମବାସୀମାନଙ୍କର ଦକ୍ଷତା ବୃଦ୍ଧି ପ୍ରକଳ୍ପର ଅନ୍ୟ ଏକ ଅଭିପ୍ରାୟ ଅଟେ । ପ୍ରକଳ୍ପର ବିଭିନ୍ନ ଭାଗିଦାରୀମାନଙ୍କର ପ୍ରଶିକ୍ଷଣ, ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ସହିତ ଗ୍ରାମର ସାମୁହିକ ବିକାଶ କାର୍ଯ୍ୟକ୍ରମ, ରାଜ୍ୟ ତଥା ରାଜ୍ୟ ବାହାରେ ବିଭିନ୍ନ କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ଲୋକମାନଙ୍କର ଅନୁଭୂତି ଏବଂ ଜ୍ଞାନ (କ୍ଷେତ୍ର ପରିଦର୍ଶନ ମାଧ୍ୟମରେ) ଆହରଣ ପାଇଁ ପ୍ରକଳ୍ପ ତରଫରୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଗତ ମେ, ୨୦୦୭ ମସିହାରେ ଶ୍ରୀଯୁକ୍ତ ସତ୍ୟପ୍ରକାଶ ନନ୍ଦ, କୃଷି ଉତ୍ପାଦନ କମିଶନର ତଥା ପ୍ରକଳ୍ପର ଉପସଭାପତି, ତାଙ୍କର ବଲାଙ୍ଗୀର ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ ପ୍ରକଳ୍ପଦ୍ୱାରା କାର୍ଯ୍ୟକାରୀ ହେଉଥିବା କେତେଗୁଡ଼ିଏ କାର୍ଯ୍ୟକ୍ରମର ସଫଳ ରୂପାୟନରେ ଅଭିଭୂତ ହୋଇଯାଇଥିଲେ ଏବଂ ଉକ୍ତ କାର୍ଯ୍ୟକ୍ରମଗୁଡ଼ିକ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପରେ ପ୍ରୟୋଗ କରିବା ପାଇଁ ପରାମର୍ଶ ଦେଇଥିଲେ । ମୁଁ ମଧ୍ୟ ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ ପ୍ରକଳ୍ପର ଦୁଇଟି ଜଳ ଛାୟା ଅଗଷ୍ଟ, ୨୦୦୭ରେ ପରିଦର୍ଶନ କରିଥିଲି ଏବଂ ଏଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମ, ବିଶେଷ କରି ଜୀବିକା ନିର୍ବାହ କାର୍ଯ୍ୟକ୍ରମ, ଅନ୍ୟାନ୍ୟ ଯୋଜନା ସହିତ ସମନ୍ୱୟର ସଫଳତା ଦେଖିବାକୁ ପାଇଥିଲି । ଏହାପରେ ଜଙ୍ଗଲ ବିଭାଗର କ୍ଷେତ୍ରକର୍ମଚାରୀ, ବନ ସଂରକ୍ଷଣ ସମିତିର ପ୍ରତିନିଧି ଏବଂ ଅଣସରକାରୀ ସଂଗଠନ ଦଳର ସଭ୍ୟମାନଙ୍କୁ ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ କାର୍ଯ୍ୟକ୍ରମର କେତେକ ସ୍ଥାନ ପରିଦର୍ଶନ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ବନ ସଂରକ୍ଷଣ ସମିତିର ଦକ୍ଷତା ବୃଦ୍ଧି ଏବଂ ବିଭିନ୍ନ ରୋଜଗାରକ୍ଷମ କାର୍ଯ୍ୟକ୍ରମ ସମ୍ପର୍କରେ ସେମାନଙ୍କର ଜ୍ଞାନ ବଢ଼ାଇବା କ୍ଷେତ୍ର ପରିଦର୍ଶନର ସାମୁହିକ ଉଦ୍ଦେଶ୍ୟ ଥିଲା । ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ ପ୍ରକଳ୍ପର ନିର୍ଦ୍ଦେଶକ ଶ୍ରୀ ଜି.ବି. ରେଡ୍ଡୀ ଏବଂ ଉଚ୍ଚ ପଦାଧିକାରୀ ବୃନ୍ଦ ପରିଦର୍ଶନର ସବିସ୍ତୃତ ଚିଠା ପ୍ରସ୍ତୁତ କରିଥିଲେ । ଯୋଜନା ଅନୁସାରେ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାମାନେ ଗସ୍ତ କାର୍ଯ୍ୟକ୍ରମଗୁଡ଼ିକର ସମନ୍ୱୟ ରକ୍ଷା କରିଥିଲେ ଏବଂ ସେମାନଙ୍କର ଜ୍ଞାନ ଓ ଅଭିଜ୍ଞତା ପ୍ରଦାନ କରିଥିଲେ । ପ୍ରକଳ୍ପର ଏହି ସୂଚନାପତ୍ରରେ କ୍ଷେତ୍ର ପରିଦର୍ଶନର କିଛିଟା ବିବରଣୀ ପ୍ରଦାନ ପାଇଁ ଚେଷ୍ଟା କରାଯାଇଛି । କ୍ଷେତ୍ର ପରିଦର୍ଶନ ରିପୋର୍ଟର ପ୍ରାଥମିକ ଆକଳନ ଅନୁସାରେ ବନ ସଂରକ୍ଷଣ ସମିତିର ସଭ୍ୟମାନେ ସେମାନଙ୍କର ବିଭିନ୍ନ ସ୍ଥାନ ଗସ୍ତ ଦ୍ୱାରା ସବିଶେଷ ଜ୍ଞାନ ଅର୍ଜନ କରିଥିଲେ ଏବଂ ହିତାଧିକାରୀ, ପ୍ରକଳ୍ପ କର୍ମକର୍ତ୍ତାମାନଙ୍କ ସହିତ ପାରସ୍ପରିକ କ୍ରିୟାଦ୍ୱାରା ବହୁତ ତଥ୍ୟ ଜାଣିବାକୁ ପାଇଥିଲେ, ଯାହାକି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ସମାନ ପ୍ରକାର କାର୍ଯ୍ୟକ୍ରମର ସଫଳ ରୂପାୟନରେ ନିଶ୍ଚିତ ଭାବରେ ସହାୟକ ହେବ ଏବଂ ଅଣୁଯୋଜନା ତଥା ଗ୍ରାମ୍ୟ ବିକାଶ ଯୋଜନାରେ ପ୍ରତିଫଳିତ ହେବ ।


*ଅରୁଣ କୁମାର ବଂସଲ* (signature)

**ଅରୁଣ କୁମାର ବଂସଲ**



### ବିଭିନ୍ନ ଖଣ୍ଡୀୟ ପରିଚାଳନା ୟୁନିଟର ଦଳ ସଂଖ୍ୟା



## ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ ପ୍ରକଳ୍ପ – ସଂକ୍ଷିପ୍ତ ଟିପ୍ପଣୀ

ଡି.ଏଫ୍.ଆଇ.ଡ଼ି.ର ଆର୍ଥିକ ସହାୟତାରେ ରାଜ୍ୟର ଚାରୋଟି ଜିଲ୍ଲା ଯଥା – ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି ଓ ବରଗଡ଼ରେ ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଏହି ପ୍ରକଳ୍ପ ୨୦୦୦ ମସିହାରେ ଆରମ୍ଭ ହୋଇ ୨୦୧୦ ମସିହା ପର୍ଯ୍ୟନ୍ତ ଚାଲିବ । ପ୍ରକଳ୍ପ ୨୯୦ଟି ଜଳଛାୟାର ୫୪୫ ଗ୍ରାମରେ କାର୍ଯ୍ୟକାରୀ ହେଉଛି ଏବଂ ଏଥିରେ ଜଳଛାୟା ଭିତ୍ତିକ କାର୍ଯ୍ୟକ୍ରମ ଜରିଆରେ ଗ୍ରାମର ଅତ୍ୟନ୍ତ ଗରିବ ଲୋକମାନଙ୍କର ଜୀବନଧାରଣ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି । ପ୍ରକଳ୍ପ କାର୍ଯ୍ୟକ୍ରମ ମଧ୍ୟରେ ମୃତ୍ତିକା ଏବଂ ଜଳ ସଂରକ୍ଷଣ, କୃଷିଜାତ ଦ୍ରବ୍ୟ ଉତ୍ପାଦନ ପ୍ରଣାଳୀରେ ଉନ୍ନତି, ବୃକ୍ଷରୋପଣ କାର୍ଯ୍ୟକ୍ରମ, କ୍ଷୁଦ୍ର ଅର୍ଥ ପରିଚାଳନା ଏବଂ କ୍ଷୁଦ୍ର ଉଦ୍ୟୋଗ କାର୍ଯ୍ୟକ୍ରମ, ସ୍ୱୟଂ ସହାୟକ ଗୋଷ୍ଠୀ ବିକାଶ ଏବଂ ପ୍ରାଥମିକ ଅଂଶୀଦାରମାନଙ୍କର ଦକ୍ଷତା ବୃଦ୍ଧି ଅନ୍ୟତମ । ପ୍ରକଳ୍ପର ମୋଟ ପରିବ୍ୟୟ ୩୨.୭୫ ନିୟୁତ ଡଲାର । ରାଜ୍ୟ କୃଷି ବିଭାଗ ଅଧୀନରେ ଥିବା ଓଡ଼ିଶା ଜଳଛାୟା ବିକାଶ ମିଶନ ରାଜ୍ୟସ୍ତରରେ ପ୍ରକଳ୍ପ ସମ୍ପାଦନା ପରିଚାଳନା କରୁଛନ୍ତି ।

## ଉଦ୍ଦେଶ୍ୟ

ବନ ସଂରକ୍ଷଣ ସମିତିର ପ୍ରତିନିଧି, ଓଡ଼ିଶା ଜଙ୍ଗଲ ବିଭାଗର କର୍ମକର୍ତ୍ତା ଓ ଅଣୁଯୋଜନା ପ୍ରସ୍ତୁତିରେ ପ୍ରତ୍ୟକ୍ଷ ଭାବରେ ଜଡ଼ିତଥିବା ମନୋନିତ ବେସରକାରୀ ସଂଗଠନ ଦଳର ସଭ୍ୟମାନଙ୍କ କ୍ଷେତ୍ର ପରିଦର୍ଶନ ପାଇଁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କ୍ଷେତ୍ର ଯୋଜନା ପ୍ରସ୍ତୁତ କରିଥିଲେ । କ୍ଷେତ୍ର ପରିଦର୍ଶନର ଉଦ୍ଦେଶ୍ୟ ଥିଲା –

୧. ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ ପ୍ରକଳ୍ପରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମର ପ୍ରାଥମିକ ଜ୍ଞାନ ଆହରଣ କରିବା ।
୨. ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ ପ୍ରକଳ୍ପ କାର୍ଯ୍ୟକାରୀ ଅଞ୍ଚଳର ଉତ୍କୃଷ୍ଟ କାର୍ଯ୍ୟକ୍ରମର ଅଧ୍ୟୟନ କରିବା ।
୩. ଗୋଷ୍ଠୀ ଓ କମିଟି ଗଠନ ଏବଂ ଏହାର କାର୍ଯ୍ୟକାରୀ ସମ୍ବନ୍ଧରେ ଜ୍ଞାନ ଉପଲବ୍ଧ କରିବା ।
୪. ଜୀବିକା ନିର୍ବାହ ଉନ୍ନତି ଯୋଜନା ସମ୍ବନ୍ଧରେ ଏବଂ ଏହା କିପରି ପ୍ରତ୍ୟେକ ପରିବାର ଏବଂ ଗୋଷ୍ଠୀକୁ ଲାଭପ୍ରଦ କରୁଛି, ସେ ବିଷୟରେ ସବିଶେଷ ବୁଝିବା ।
୫. ଲାଭପ୍ରଦ ଉପାର୍ଜନକ୍ଷମ କାର୍ଯ୍ୟକ୍ରମର ଅର୍ଥନୀତି ବୁଝିବା ।
୬. ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ ଅଞ୍ଚଳରେ ପ୍ରଯୁଜ୍ୟ ଉପାୟ/ଉଦ୍ୟମକୁ ହୃଦୟଙ୍ଗମ କରିବା ।

## କ୍ଷେତ୍ର ପରିଦର୍ଶନର କ୍ରମିକ କାର୍ଯ୍ୟକ୍ରମ

**ସୋପାନ ୧ :** ଗସ୍ତ ପୂର୍ବରୁ ଗସ୍ତ କରୁଥିବା ଦଳକୁ କ୍ଷେତ୍ର ପରିଦର୍ଶନର ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ଧାରଣା ଦେବା ।

**ସୋପାନ ୨ :** ଗସ୍ତ କରୁଥିବା ଦଳର ଜଳଛାୟା ପ୍ରକଳ୍ପ କାର୍ଯ୍ୟାଳୟରେ ଆଗମନ ।

**ସୋପାନ ୩ :** ଉଭୟଙ୍କର ସ୍ୱାଗତ ଏବଂ ପରିଚୟ ପ୍ରଦାନ ।

**ସୋପାନ ୪ :** ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଜଳଛାୟା ଗ୍ରାମରେ ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ ପ୍ରକଳ୍ପର ଉଦ୍ଦେଶ୍ୟ, କାର୍ଯ୍ୟକାରୀ ପଦ୍ଧତି ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ ଧାରଣା ।

**ସୋପାନ ୫ :** ଗ୍ରାମର ସଭା ସ୍ଥାନରେ ପହଞ୍ଚିବା ଏବଂ ଲୋକମାନଙ୍କ ସହିତ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ସହିତ ପରିଚିତ ହେବା ।

**ସୋପାନ ୬ :** କାର୍ଯ୍ୟକ୍ରମ ଗସ୍ତ କରିବା ଏବଂ ସନ୍ଦେହମୋଚନ କରିବା ।

**ସୋପାନ ୭ :** ଧନ୍ୟବାଦ ଅର୍ପଣ ଏବଂ ପ୍ରତ୍ୟାବର୍ତ୍ତନ ।

## ଯୋଗଦାନକାରୀ ମାନଙ୍କର ସଂକ୍ଷିପ୍ତ ଟିପ୍ପଣୀ

ସର୍ବମୋଟ ୧୩୮୧ ଯୋଗଦାନକାରୀ ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ ପ୍ରକଳ୍ପ ଅଞ୍ଚଳ କ୍ଷେତ୍ର ପରିଦର୍ଶନ କରିଥିଲେ । ସେମାନଙ୍କ ମଧ୍ୟରୁ ଶତକଡ଼ା ୮୪ ଭାଗ ଯୋଗଦାନକାରୀ ୧୧ଟି ଖଣ୍ଡୀୟ ପରିଚାଳନା ୟୁନିଟ୍‌ର ବନ ସଂରକ୍ଷଣ ସମିତି ସଭ୍ୟ ଅଟନ୍ତି । ଶତକଡ଼ା ୧୨ ଭାଗ ବନ ବିଭାଗ ଅଧିକାରୀ (ବନ ସଂପ୍ରସାରଣ ଅଧିକାରୀ, ଗ୍ରାମ୍ୟବନ ସେବକ, ବନପାଳ, ବନରକ୍ଷୀ) ଏବଂ ଶତକଡ଼ା ୩ ଭାଗ ବେସରକାରୀ ସଂଗଠନ ଦଳର ସଭ୍ୟ ।




## ଗସ୍ତ କାର୍ଯ୍ୟକ୍ରମର ସଂକ୍ଷିପ୍ତ ଟିପ୍ପଣୀ


ଏକତ୍ର ଭାବେ ସମସ୍ତ ପରିଦର୍ଶନ ଦଳ ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ ପ୍ରକଳ୍ପ ଗ୍ରାମରେ ସମସ୍ତ କାର୍ଯ୍ୟକ୍ରମ ଦେଖିବାର ସୌଭାଗ୍ୟ ଅର୍ଜନ କରିଥିଲେ । ପ୍ରତ୍ୟେକ ପରିଦର୍ଶନ ଦଳ ଗୋଟିଏ ପୁରା ଦିନ ଗୋଟିଏ ଗ୍ରାମରେ କଟାଇଥିଲେ, ସମସ୍ତ କାର୍ଯ୍ୟକ୍ରମ ଦେଖିଥିଲେ, ଲୋକମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରିଥିଲେ ଏବଂ ସେମାନଙ୍କର ପସନ୍ଦ ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ନିଜର ସନ୍ଦେହମୋଚନ କରିଥିଲେ ।

ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ ପ୍ରକଳ୍ପର କାର୍ଯ୍ୟକ୍ରମକୁ ନିମ୍ନୋକ୍ତ ୫ ଭାଗରେ ବିଭକ୍ତ କରାଯାଇ ପାରେ ।

୧. ପ୍ରାକୃତିକ ସମ୍ପଦ ପରିଚାଳନା ସମ୍ପର୍କୀୟ କାର୍ଯ୍ୟକ୍ରମ ।
୨. ମୃତ୍ତିକା ଏବଂ ଜଳ ସଂରକ୍ଷଣ ସମ୍ପର୍କୀୟ କାର୍ଯ୍ୟକ୍ରମ ।
୩. ଗୋଷ୍ଠୀ ଉନ୍ନୟନ ସମ୍ପର୍କୀୟ କାର୍ଯ୍ୟକ୍ରମ ।
୪. ଉପାର୍ଜନକ୍ଷମ କାର୍ଯ୍ୟକ୍ରମ ପାଇଁ ସହାୟତା ।
୫. ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଆବର୍ତ୍ତନ ପାଣ୍ଠି ।

# ବନ ସଂରକ୍ଷଣ ସମିତି ସଦସ୍ୟଙ୍କ ଦ୍ୱାରା ଅନୁଶୀଳନ

## ରାୟଗଡ଼ା ଓ ଟିକିରି କ୍ଷେତ୍ର ପରିଚାଳନା ୟୁନିଟ୍, ରାୟଗଡ଼ା ଖଣ୍ଡୀୟ ପରିଚାଳନା ୟୁନିଟ୍



ରାୟଗଡ଼ା ଓ ଟିକିରି କ୍ଷେତ୍ର ପରିଚାଳନା ୟୁନିଟ୍‌ର ସଭ୍ୟମାନେ ନଭେମ୍ବର ୦୨, ୨୦୦୭ ମସିହାରେ ବଲାଙ୍ଗୀର ଜିଲ୍ଲାର ମଣିଗାଁ ଜଳଛାୟା ଗ୍ରାମ ପରିଦର୍ଶନରେ ଯାଇଥିଲେ ଏବଂ ଗ୍ରାମପଞ୍ଚାୟତ ଅଫିସରେ ପଶ୍ଚିମ ଓଡ଼ିଶା ଜୀବିକା ନିର୍ବାହର ପ୍ରକଳ୍ପର କାର୍ଯ୍ୟ ଓ ଏହା ମାଧ୍ୟମରେ ସୃଷ୍ଟି କରିଯାଇଥିବା ନିମ୍ନଲିଖିତ ସମ୍ପତ୍ତି ବିଷୟରେ ଅବଗତ ହୋଇଥିଲେ –

୧. ୨୫ ଗୋଟି କୂପ ଓ ୨୨ ଗୋଟି ନଳକୂପ ଖନନ ।
୨. ୧୯ ଗୋଟି କୃଷି ଭିତ୍ତିକ ପୋଖରୀ ଖନନ ।
୩. ଗୋଷ୍ଠୀଗୁଡ଼ିକୁ ୧.୬୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ।
୪. ଅତି ଗରିବ ଲୋକଙ୍କୁ ବିଭିନ୍ନ ରୋଜଗାରକ୍ଷମ କାର୍ଯ୍ୟ ପାଇଁ ୨.୫୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ।
୫. ସହଭାଗୀ କାର୍ଯ୍ୟକ୍ରମରେ ଗ୍ରାମର ସିମେଣ୍ଟ ମଣ୍ଡପ ନିର୍ମାଣ ।

## ଦୁର୍ଗାପୁର କ୍ଷେତ୍ର ପରିଚାଳନା ୟୁନିଟ୍, ଅନୁଗୋଳ ଖଣ୍ଡୀୟ ପରିଚାଳନା ୟୁନିଟ୍

ବଲାଙ୍ଗୀର ଠାରୁ କୋଡ଼ିଏ କି.ମି. ଦୂରତାରେ ଅବସ୍ଥିତ 'ଉପରଝର' ଗ୍ରାମ ନିକଟବର୍ତ୍ତୀ ପ୍ରାୟ ୫୦୦ ଏକର ପରିମିତ ଅଞ୍ଚଳ ଅନୁର୍ବର, ପତିତ ଏବଂ ପାହାଡ଼ିଆ ଅଞ୍ଚଳ ହୋଇ ପଡ଼ିରହିଥିଲା । ଏହି ଅନୁର୍ବର ଜାଗାରେ ବର୍ତ୍ତମାନ ଜଳଛାୟା ପ୍ରକଳ୍ପ ମାଧ୍ୟମରେ ଗ୍ରାମର ଅଧିବାସୀମାନଙ୍କଦ୍ୱାରା ବିଭିନ୍ନ ଉନ୍ନତ ମାନର ଫଳଚାଷ ରୋପଣ ଏବଂ କିଛି ଅଂଶକୁ ଔଷଧୀୟ ଚାରା ରୋପଣ କରାଯାଇଅଛି । ଗୋଟିଏ ବଡ଼ ପୋଖରୀ ଖନନ କରାଯାଇ ଜଳ ସଂରକ୍ଷଣ କରିବା ସହ ମାଛ ଚାଷ କରାଯାଇଅଛି । ଗ୍ରାମବାସୀମାନଙ୍କୁ ଜିଆ ଚାଷ କରିବା ପ୍ରଣାଳି ପ୍ରଶିକ୍ଷଣ ଦିଆଯାଇ ଉନ୍ନତ ମାନର ଜିଆ ପ୍ରସ୍ତୁତ ମାଟି ତିଆରି କରି ଉକ୍ତ ପତିତ ଜାଗାମାନଙ୍କରେ ପ୍ରୟୋଗ କରି ମାଟିର ଉର୍ବରତା ବୃଦ୍ଧି କରି ପାରିଛନ୍ତି । ଲୋକମାନଙ୍କର ଆର୍ଥିକ ଅଭିବୃଦ୍ଧି ପାଇଁ ଜଳଛାୟା ପ୍ରକଳ୍ପ ସର୍ବଦା ତତ୍ପର ।



## ବନ ସଂରକ୍ଷଣ ସମିତି ସଭ୍ୟ - ଲାମଟାପୁଟ୍ କ୍ଷେତ୍ରୀୟ ପରିଚାଳନା ୟୁନିଟ୍ କୋରାପୁଟ ଖଣ୍ଡୀୟ ପରିଚାଳନା ୟୁନିଟ୍

ବଲାଙ୍ଗୀର ଜିଲ୍ଲା କର୍ଲାପିଟା ଗ୍ରାମ ପରିଦର୍ଶନ ସମୟରେ ସଭ୍ୟମାନେ ଜଳଛାୟା କମିଟିର କାର୍ଯ୍ୟ ସମ୍ବନ୍ଧରେ ଜ୍ଞାନ ଆହରଣ କରିଥିଲେ । ଏହି ଜଳଛାୟା କମିଟିରେ ଗ୍ରାମର ସରପଞ୍ଚ ଜଣେ ସଭ୍ୟ ଅଟନ୍ତି । ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ସଭାର ତାରିଖ ସ୍ଥିର ହୁଏ ଏବଂ ସଭ୍ୟମାନଙ୍କୁ ଉପସ୍ଥିତ ରହିବା ପାଇଁ ଜଣାଇ ଦିଆଯାଏ । ଥରେ ସଭାର ତାରିଖ ସ୍ଥିର ହେବା ପରେ ତାହା ପରିବର୍ତ୍ତନ କରାଯାଏ ନାହିଁ । ବିଭିନ୍ନ ଗ୍ରାମର ଗ୍ରାମବାସୀମାନେ ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ସଭାରେ ଉପସ୍ଥିତ ରହନ୍ତି । ପ୍ରତ୍ୟେକ ପ୍ରକଳ୍ପ ଉପରେ ଆଲୋଚନା ହୋଇ ସିଦ୍ଧାନ୍ତ ନିଆଯାଏ । ପରିଦର୍ଶନ ଦଳର ସଭ୍ୟମାନେ ଗ୍ରାମବାସୀ ମାନଙ୍କର ପ୍ରତି ମାସରେ ଥରେ ହେଉଥିବା ସ୍ୱଚ୍ଛତା ସଭା ଉପରେ ଜ୍ଞାନ ଆହରଣ କରିଥିଲେ । ଏହି ସଭାରେ ଅଧିକାଂଶ ସଭ୍ୟଙ୍କ ଉପସ୍ଥିତିରେ ହିସାବ ପର୍ଦ୍ଦ ପ୍ରସ୍ତୁତ କରାଯାଏ ଏବଂ ଏଥିରେ ପ୍ରତ୍ୟେକ ସଭ୍ୟ ପ୍ରକଳ୍ପ କାର୍ଯ୍ୟର ଖର୍ଚ୍ଚ ଉପରେ ପ୍ରଶ୍ନ ପଚାରି ତାଙ୍କର ସନ୍ଦେହ ଦୂର କରନ୍ତି । ସମିତି ମଧ୍ୟ ଅର୍ଥର ଉପଯୁକ୍ତ ବିନିଯୋଗ, ଉର୍ପାଜନକ୍ଷମ କାର୍ଯ୍ୟକ୍ରମ, ଠିକ୍ ସମୟରେ ପୁନଃପ୍ରଦାନ ଉପରେ ଯାଞ୍ଚ କରନ୍ତି ଏବଂ ସଭ୍ୟମାନଙ୍କୁ ସଠିକ୍ ପଥପ୍ରଦର୍ଶନ କରନ୍ତି ।



## ବନ ସଂରକ୍ଷଣ ସମିତି ସଭ୍ୟ, ତାଳଚେର କ୍ଷେତ୍ର ପରିଚାଳନା ୟୁନିଟ୍, ଅନୁଗୋଳ ଖଣ୍ଡୀୟ ପରିଚାଳନା ୟୁନିଟ୍

ତାଳଚେର କ୍ଷେତ୍ର ପରିଚାଳନା ୟୁନିଟ୍ ଅନ୍ତର୍ଗତ ବନସଂରକ୍ଷଣ ସମିତିର ସଭ୍ୟମାନେ ନୂଆପଡ଼ା ଜିଲ୍ଲାର 'ଲାରକି' ଗ୍ରାମକୁ ଗସ୍ତ କରି ଗ୍ରାମରେ ଥିବା 'ପାର୍ବତୀ ମହିଳା ମଣ୍ଡଳ' ନାମକ ଏକ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନଙ୍କ ସହ ମିଶିଥିଲେ । ଜଳଛାୟା ପ୍ରକଳ୍ପ ସହାୟତାରେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ବିଭିନ୍ନ ପ୍ରକାରର ମିଶ୍ରିତ କୃଷି ଜାତୀୟ ଯଥା ବାଦାମ ସହିତ ବିରି, ହରଡ଼ ସହିତ ମୁଗ ଚାଷ କିପରି ଗୋଟିଏ ଜାଗାରେ କରାଯାଇଅଛି ତାହା ବୁଲିକରି ଦେଖିଥିଲେ । ଏହା ସହିତ ପୋଖରୀ ଖନନ କରାଯାଇ ମାଛ ଚାଷ କରାଯାଇଅଛି । ସେମାନେ ମଧ୍ୟ ବିଭିନ୍ନ ପ୍ରକାରର ଜଙ୍ଗଲ ଜାତୀୟ ଜାଳକାଠ, ଦାମୀକାଠ ଯଥା ସାଗୁଆନ, କାଜୁ ଓ ତାଳଗଛ ମାନ ରୋପଣ କରିଛନ୍ତି । ମୃତ୍ତିକା ସଂରକ୍ଷଣ ପାଇଁ ଉଚ୍ଚତା ଅନୁସାରେ ମାଟିର ସ୍ତର ସୃଷ୍ଟି କରିବା, ଛୋଟ ଛୋଟ ନାଳ ଗୁଡ଼ିକୁ ବାନ୍ଧିବା ଏବଂ ଆଡ଼ିବନ୍ଧ ସୃଷ୍ଟି କରି ଜଳସଂରକ୍ଷଣ କରିବା ସହ ବିଭିନ୍ନ ପ୍ରକାରର ଚାଷ କରିବା ମାଧ୍ୟମରେ ଏହି ସ୍ୱୟଂ ସହାୟକ ଗୋଷ୍ଠୀର ଉନ୍ନତି ହୋଇପାରିଛି ବୋଲି ଉପଲବ୍ଧ ହୋଇଅଛି ।

## ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ସୁପରିଚାଳିତ ଏକ ରୋଜଗାରକ୍ଷମ କାର୍ଯ୍ୟକ୍ରମ :



ବଲାଙ୍ଗୀର ଜିଲ୍ଲା ମଣିଗାଁ ଗ୍ରାମର ବୀଣାପାଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଶ୍ରୀମତୀ ପ୍ରତିମା ଭୋଇ କହନ୍ତି ଯେ, ସେମାନେ ସ୍ୱୟଂ ସହାୟକ ଗୋଷ୍ଠୀ ଅଧିନରେ ଛେଳିଚାଷ କରୁଛନ୍ତି ଏବଂ ଏଥିରୁ ଉପୁନ୍ନ ଲାଭ ବ୍ୟାଙ୍କରେ ଜମା ରଖୁଛନ୍ତି । ପ୍ରଥମେ ସେମାନେ ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ନିର୍ବାହ କାର୍ଯ୍ୟକ୍ରମରୁ ଟ.୨୦୦୦.୦୦ ଋଣ ହିସାବରେ ପାଇଥିଲେ । ଏହି ଋଣ ପରିଶୋଧ କରି ଛେଳିଚାଷ ପାଇଁ ପୁଣି ଟ.୧୫,୦୦୦.୦୦ ଋଣ ପାଇଥିଲେ । ଟ.୧୫,୦୦୦.୦୦ ଋଣ ପରିଶୋଧ କରି ବ୍ୟବସାୟ ବଢ଼ାଇବା ପାଇଁ ପୁନର୍ବାର ଟ.୩୦,୦୦୦.୦୦ ଋଣ ନେଇଛନ୍ତି । ବର୍ତ୍ତମାନ ସ୍ୱୟଂ ସହାୟକ ଗୋଷ୍ଠୀ ୧୨ ଜଣ ସଭ୍ୟଙ୍କୁ ନେଇ କାର୍ଯ୍ୟ କରୁଛି । କୌଣସି ସଭ୍ୟ ଆବଶ୍ୟକ ହେଲେ ସୁଧ ଦେଇ ଟଙ୍କା ନେଇ ପାରୁଛନ୍ତି । ବର୍ତ୍ତମାନ ସେମାନେ ବ୍ୟବସାୟରୁ ଉଦ୍ବୃତ୍ତ ଲାଭକୁ ନିଜ ନିଜ ଭିତରେ ବାଣ୍ଟି ନେବା ବଦଳରେ ବ୍ୟାଙ୍କରେ ଜମା କରୁଛନ୍ତି ।

## ଗୁଣପୁର ଓ କଲ୍ୟାଣ ସିଂହପୁର କ୍ଷେତ୍ର ପରିଚାଳନା ୟୁନିଟ୍‌ର କ୍ଷେତ୍ର ପରିଦର୍ଶନ (ବଲାଙ୍ଗୀର ଜିଲ୍ଲା, ଗ୍ରାମ ମାଲମୁଣ୍ଡା)

ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ଜଳ, ଜମି, ଜଙ୍ଗଲ, ଜନ୍ତୁ ଓ ଜନ ଇତ୍ୟାଦି ସମ୍ବଳର ବିକାଶକୁ ଗୁରୁତ୍ୱ ଦେଉଛି । ଗ୍ରାମବାସୀମାନଙ୍କର ଉନ୍ନତି ପାଇଁ ସମିତି ପ୍ରାକୃତିକ ସମ୍ପଦକୁ ସଠିକ ଉପଯୋଗ କରିଛି । ଜୀବିକା ନିର୍ବାହ ସୁଯୋଗ ଜରିଆରେ ଗ୍ରାମର ୯୭ ପରିବାରକୁ ଅନାଦେୟ ହିସାବରେ ଟ୯୦୦୦ଙ୍କା ପ୍ରଦାନ କରିଛି । ଗ୍ରାମବାସୀମାନେ କୁକୁଡ଼ା ପାଳନ, ଛେଳି ପାଳନ, ମାଛ ଚାଷ, ସିଲାଇ କାର୍ଯ୍ୟ, ରିକ୍ସା ଚଲାଇବା କାର୍ଯ୍ୟ, ରାଜମିସ୍ତ୍ରୀ କାର୍ଯ୍ୟ, ଉଦ୍ୟାନ କୃଷି ଏବଂ ସ୍ୱାଧୀନ ବ୍ୟବସାୟ ଇତ୍ୟାଦି ମାଧ୍ୟମରେ ସେମାନଙ୍କର ବଞ୍ଚିବାର ସୁଯୋଗ ସୃଷ୍ଟି କରିଛନ୍ତି ।

ସମିତି ୭ ଗୋଟି ସ୍ୱୟଂ ସହାୟକ ଦଳକୁ ରୋଜଗାରକ୍ଷମ କାର୍ଯ୍ୟକ୍ରମ ପାଇଁ ଟ୨୦୦୦୦ଙ୍କା ଲେଖାଏଁ ପ୍ରଦାନ କରିଛି ଏବଂ ଉଚ୍ଚବର୍ଗ ଉପଭୋକ୍ତାଙ୍କ ଠାରୁ ଉନ୍ନତି ପାଣ୍ଠି ହିସାବରେ ଟ୧୭୦୦୦୦ଙ୍କା ସଂଗ୍ରହ କରିଛି ।


ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ଯୋଜନାର କାର୍ଯ୍ୟକାଳ ପରେ ମଧ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା, ସ୍ୱାସ୍ଥ୍ୟ ସମସ୍ୟା ଏବଂ ଅନ୍ୟ ଜରୁରୀ କାଳୀନ ଖର୍ଚ୍ଚ ଏହି ପାଣ୍ଠିରୁ ଚାଲୁ ରଖିବା ପାଇଁ କମିଟି ଲକ୍ଷ୍ୟ ରଖିଛି ।

ସମ୍ପୂର୍ଣ୍ଣ ଗ୍ରାମକୁ ଜଳଯୋଗାଣ ଓ ଜଳ ସେଚନ ପାଇଁ "ସ୍ୱଚ୍ଛ ଧାରା" ଭଳି ଏକ ସ୍ୱାଗତ ଯୋଗ୍ୟ ଯୋଜନା କାର୍ଯ୍ୟ କରୁଛି । ଏହିପରି ଭାବରେ କ୍ଷେତ୍ର ପରିଦର୍ଶନ ଅତ୍ୟନ୍ତ ସନ୍ତୋଷଜନକ ଥିଲା ଏବଂ ଜାପାନ ଆନ୍ତର୍ଜାତୀୟ ବ୍ୟାଙ୍କ ସହାୟତାରେ କାର୍ଯ୍ୟକାରୀ ହେଉଥିବା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକ୍ରମ ପାଇଁ ଏହି ପ୍ରକ୍ରିୟାଗୁଡ଼ିକ ସହାୟକ ହେବ ।




ଜଳଛାୟା ପ୍ରକଳ୍ପ ଦ୍ୱାରା ପ୍ରଦତ୍ତ ସାମଗ୍ରୀକୁ ବ୍ୟବହାର କରି ବଲାଙ୍ଗୀର ଜିଲ୍ଲା ମାଲମୁଣ୍ଡା ଗ୍ରାମବାସୀମାନେ ସଭାଗୃହ ନିର୍ମାଣ କରିଛନ୍ତି । ଜଳଛାୟା କମିଟି ଉନ୍ନତି ପାଣ୍ଠି ବା କଲ୍ୟାଣ ପାଣ୍ଠି ଗଠନ କରିଛନ୍ତି, ଯାହା ଆଜି ଟ୧୭୦୦୦୦ଙ୍କା କୁ ବୃଦ୍ଧି ପାଇଛି ।

ଏହି ପ୍ରକଳ୍ପରେ ନାରୀମାନଙ୍କର ଅଂଶଗ୍ରହଣ ପ୍ରଶଂସନୀୟ । ଆୟବ୍ୟୟର ସ୍ୱଚ୍ଛତା ରକ୍ଷା କରାଯାଇଅଛି । କଲ୍ୟାଣ ପାଣ୍ଠିରୁ ଗ୍ରାମବାସୀମାନଙ୍କର ଜରୁରୀକାଳୀନ ଓ ପ୍ରାକୃତିକ ବିପର୍ଯ୍ୟୟରେ ପ୍ରଭାବିତ ଲୋକମାନଙ୍କର ଖର୍ଚ୍ଚ ବହନ କରାଯାଉଛି । ଜଳଛାୟା ପ୍ରକଳ୍ପ ସମୟ ସୀମା ଶେଷ ହେବା ପରେ ଏହି ପାଣ୍ଠିକୁ ଯୋଜନାକୁ ଚାଲୁ ରଖିବା ପାଇଁ ଗ୍ରାମବାସୀମାନେ ଲକ୍ଷ୍ୟ ରଖିଛନ୍ତି ।



## କ୍ଷେତ୍ର ପରିଦର୍ଶନର ପରିଣାମ :

ଭ୍ରମଣକାରୀମାନେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଯଥା କୃଷି ଓ ଅଣ କୃଷି ଭିତ୍ତିକ ରୋଜଗାରକ୍ଷମ କାର୍ଯ୍ୟ, କ୍ଷୁଦ୍ର ବ୍ୟବସାୟ ଓ ଗୋଷ୍ଠୀ ସମବେତର ବିଭିନ୍ନ ପ୍ରକ୍ରିୟା ସମ୍ବନ୍ଧରେ ଅବଗତ ହୋଇଥିଲେ । ଭ୍ରମଣକାରୀ ଦଳର ଅଧିକାଂଶଙ୍କ ମତ ଅନୁଯାୟୀ ଏହି ଭ୍ରମଣ ପଶ୍ଚିମ ଓଡ଼ିଶା ଜୀବିକା ନିର୍ବାହ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକ୍ରମର ଭଲ ଅଭିଜ୍ଞତା ପ୍ରଦାନ କରିଥିଲା ଏବଂ ବିଭିନ୍ନ ବନ ସଂରକ୍ଷଣ ସମିତି ସଭ୍ୟମାନେ ଅନେକ ବିଷୟ ଶିକ୍ଷା କରିଥିଲେ ଏବଂ ଅଭିଜ୍ଞତା ଅର୍ଜନ କରିଥିଲେ ଯାହା ବାସ୍ତବରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଆଭିମୁଖ୍ୟରେ ଥିବା କାର୍ଯ୍ୟକୁ ଆଗେଇ ନେବ ଏବଂ ଅଣୁଯୋଜନାରେ ଜଙ୍ଗଲ ସଂରକ୍ଷଣ ଓ ସଠିକ ରୋଜଗାରକ୍ଷମ କାର୍ଯ୍ୟକ୍ରମ ନିରୂପଣ ଇତ୍ୟାଦି ଦ୍ୱାରା ଗ୍ରାମ୍ୟ ବିକାଶ କାର୍ଯ୍ୟର ସଫଳତା ଆଣିହେବ ।



# ପଶ୍ଚିମ ଓଡ଼ିଶା ଗ୍ରାମ୍ୟ ଜୀବିକା ନିର୍ବାହ ପ୍ରକଳ୍ପର କେତୋଟି କାର୍ଯ୍ୟକ୍ରମ

















ପତିତ ଜଙ୍ଗଲର ପୁନରୁଦ୍ଧାର    ଉପକୂଳବର୍ତ୍ତି ବୃକ୍ଷରୋପଣ    ଗୋଷ୍ଠୀ/ଜନଜାତି ଉନ୍ନୟନ    ଜୈବବିବିଧତା ପରିଚାଳନା

## ଉପକୂଳବର୍ତ୍ତୀ ବୃକ୍ଷରୋପଣ



ପ୍ରାକୃତିକ ବିପର୍ଯ୍ୟୟର ନିରାକରଣରେ ଉପକୂଳବର୍ତ୍ତୀ ବୃକ୍ଷରୋପଣର ଭୂମିକା ଦୃଷ୍ଟିରୁ ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାରେ ମ୍ୟାନ୍‌ଗ୍ରୁଭ୍ ଓ କାଜୁରିନା ଜଙ୍ଗଲର ପୁନରୁଦ୍ଧାର/ସୃଷ୍ଟି ପାଇଁ ପ୍ରକଳ୍ପରେ ବ୍ୟବସ୍ଥା କରାଯାଇଛି । ସମିତିର ଗଭର୍ଣ୍ଣିଂ ବଡ଼ିର ମେ, ୨୦୦୭ ସଭାରେ ଏହି କାର୍ଯ୍ୟକ୍ରମ ଚଳିତ ବର୍ଷ ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ତଦାନୁଯାୟୀ ବନଖଣ୍ଡ ଅଧିକାରୀ ବାଲେଶ୍ୱର ଏବଂ ଭଦ୍ରକ ଗୋଷ୍ଠୀ ସହାୟତା ପାଇଁ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟ ସହିତ ମ୍ୟାନ୍‌ଗ୍ରୁଭ୍/କାଜୁରିନା ବୃକ୍ଷରୋପଣ ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ । ଗ୍ରାମ୍ୟସଭା ଏବଂ ଗୋଷ୍ଠୀକୁ ବନ ସଂରକ୍ଷଣ ସମିତିର ସଂଗଠନ ଜରିଆରେ ଗୋଷ୍ଠୀ ସମବେତ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ସାମାଜିକ-ଅର୍ଥନୈତିକ ସର୍ଭେ ଜରିଆରେ ମ୍ୟାନ୍‌ଗ୍ରୁଭ୍ ଏବଂ ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦର ବର୍ତ୍ତମାନ ବ୍ୟବହାର ସହିତ ଜାଳେଣି ଏବଂ ଗୋଖାଦ୍ୟ ପାଇଁ କ୍ଷତିପୂରଣ ବୃକ୍ଷରୋପଣ ଏବଂ ଓମ୍‌ଫେଡ୍ ସହାୟତାରେ କ୍ଷୀର ବିକ୍ରୟ ପାଇଁ ସବିଶେଷ ଅନୁସନ୍ଧାନ କରାଯିବ । ଦୁଇଟି ବନଖଣ୍ଡର ଚାରୋଟି ସ୍ଥାନରେ ୩୧୦ ହେକ୍ଟର ଜମିରେ ମ୍ୟାନ୍‌ଗ୍ରୁଭ୍ ବୃକ୍ଷରୋପଣ ପାଇଁ ଚାରା ଉତ୍ପାଦନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

ମ୍ୟାନ୍‌ଗ୍ରୁଭ୍ ବୃକ୍ଷରୋପଣ ପାଇଁ ଜୁଆର ଅପହଞ୍ଚ ସ୍ଥାନରେ ସମୁଦ୍ର ଜଳ ପହଞ୍ଚାଇବା ପାଇଁ ମାଛକଣ୍ଟା କେନାଲ୍ ସୃଷ୍ଟି କରାଯିବ । ମ୍ୟାନ୍‌ଗ୍ରୁଭ୍ ବୃକ୍ଷରୋପଣର ସୁରକ୍ଷା ପାଇଁ ଉଭୟ ଭୌତିକ ଏବଂ ସାମାଜିକ ବାଡ଼ ସୃଷ୍ଟି କରାଯିବ । ଜୀବନ୍ତ ବାଡ଼ ପ୍ରଚଳନ ସହିତ ସମ୍ପୃକ୍ତ ବନ ସଂରକ୍ଷଣ ସମିତି ଦ୍ୱାରା ସାମାଜିକ ବାଡ଼କୁ ଅଗ୍ରାଧିକାର ଦିଆଯିବ ।

ଆସନ୍ତା ବର୍ଷ ୧୦୦ ହେକ୍ଟର ଜମିରେ କାଜୁରିନା ବୃକ୍ଷରୋପଣ ପାଇଁ ପ୍ରସ୍ତାବ ରହିଛି ଏବଂ ଏଥିପାଇଁ ସ୍ଥାନ ନିରୂପଣ କରାଯିବା ସହିତ ଚାରା ଉତ୍ପାଦନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । କାଜୁରିନା ବୃକ୍ଷରୋପଣରେ ସମ୍ପୃକ୍ତ ଗ୍ରାମ୍ୟବନ ସେବକ, ବନପାଳ ଏବଂ ବନରକ୍ଷୀ ମାନଙ୍କ ପାଇଁ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ସହାୟତାରେ ଦୁଇ ଦିନିଆ ପୁନଃନବୀକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବ ରହିଛି ।



## ସାଧାରଣ ପରାମର୍ଶଦାତା

ନିପନ୍ କୋଇ ପ୍ରାଇଭେଟ୍ ଲିମିଟେଡ୍, ଜାପାନ (ଅଗ୍ରଣୀ ବ୍ୟବସାୟିକ ଅନୁଷ୍ଠାନ), ଆର୍ନ୍ତଜାତିକ ପ୍ରାକୃତିକ ସମ୍ପଦ ଲିମିଟେଡ୍, ୟୁନାଇଟେଡ୍ କିଙ୍ଗ୍‌ଡ଼ମ ଏବଂ ସୂତ୍ର କନ୍‌ସଲ୍‌ଟାଣ୍ଟ ପ୍ରାଇଭେଟ୍ ଲିମିଟେଡ୍, ଭାରତ କୁ ନେଇ ଗଠିତ ସାଧାରଣ ପରାମର୍ଶଦାତା ତା.୧୩.୧୨.୨୦୦୭ରିଖରୁ ନିମ୍ନଲିଖିତ ବିଶେଷଜ୍ଞମାନଙ୍କ ସହାୟତାରେ ସେମାନଙ୍କର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ।



**ଜାତୀୟ ପରାମର୍ଶଦାତା**

୧. ଶ୍ରୀ ମାଧବ ଗୋଗାଟେ, ଦଳପତି/ଗୋଷ୍ଠୀ ଉନ୍ନୟନ ବିଶେଷଜ୍ଞ
୨. ଶ୍ରୀ ନଗେନ୍ଦ୍ର ଆଚାର୍ଯ୍ୟ, ଦକ୍ଷତା ବିକାଶ ବିଶେଷଜ୍ଞ
୩. ଶ୍ରୀ ରଂଜନ ମଲ୍ଲିକ, ଜି.ଆଇ.ଏସ୍ ବିଶେଷଜ୍ଞ
୪. ଶ୍ରୀ ସଲ୍ଲଭ ଭରଦ୍ୱାଜ, କାର୍ଯ୍ୟ ନିରୂପଣ ଓ ମୂଲ୍ୟାୟନ ବିଶେଷଜ୍ଞ
୫. ଶ୍ରୀ ପ୍ରଣବ ଚୌଧୁରୀ, ଜୀବନ ଧାରଣ ଉନ୍ନୟନ ବିଶେଷଜ୍ଞ

**ଆର୍ନ୍ତଜାତୀୟ ପରାମର୍ଶଦାତା**

୧. ଶ୍ରୀ ଚିନିଚିରୋ ସୁଜୀ, ଗୋଷ୍ଠୀ ଉନ୍ନୟନ ବିଶେଷଜ୍ଞ
୨. ଶ୍ରୀ ଟୋମାହିତୋ ସିବାୟାମା, କାର୍ଯ୍ୟ ନିରୂପଣ ଓ ମୂଲ୍ୟାୟନ ବିଶେଷଜ୍ଞ

ସାଧାରଣ ପରାମର୍ଶଦାତା ୧୦ଜଣ କ୍ଷେତ୍ର ବିଶେଷଜ୍ଞ ମାନଙ୍କୁ ଖଣ୍ଡୀୟ ପରିଚାଳନା ୟୁନିଟ୍ ସ୍ତରରେ ଅନୁଗୁଳ, ଭଦ୍ରକ, ଦେଓଗଡ଼, ଜୟପୁର, କେଉଁଝର, କୋରାପୁଟ, ପାରଳାଖେମୁଣ୍ଡି, ଫୁଲବାଣୀ, ରାୟଗଡ଼ା ଏବଂ ରାଉରକେଲା ଠାରେ ନିୟୋଜନ କରିବେ ।

ସାଧାରଣ ପରାମର୍ଶଦାତା ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ପ୍ରକଳ୍ପ ପରିଚାଳନା ୟୁନିଟ୍ (PMU), ଖଣ୍ଡୀୟ ପରିଚାଳନା ୟୁନିଟ୍ (DMU), କ୍ଷେତ୍ର ପରିଚାଳନା ୟୁନିଟ୍ (FMU) କୁ ବୈଷୟିକ ସହାୟତା ଯୋଗାଇ ଦେବା ସହ ରାଜ୍ୟ, ଜାତୀୟ ଏବଂ ଆର୍ନ୍ତଜାତୀୟ ପ୍ରଶିକ୍ଷଣ ଏବଂ କ୍ଷେତ୍ରୀୟ ପରିଦର୍ଶନ ଆୟୋଜନ ପାଇଁ ସହାୟତା ଯୋଗାଇ ଦେବ ।

ସାଧାରଣ ପରାମର୍ଶଦାତା ସହିତ ପ୍ରଥମ ଆଲୋଚନା ସଭା ତା.୦୨.୦୧.୦୮ରିଖ ରେ ପ୍ରକଳ୍ପ ପରିଚାଳନା ୟୁନିଟ୍, ରାଜ୍ୟ ବନ୍ୟ ପ୍ରଶିକ୍ଷଣ ଏବଂ ଗବେଷଣା କେନ୍ଦ୍ର, ଘାଟିକିଆରେ ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନା ସଭାରେ କାର୍ଯ୍ୟ ଅଗ୍ରଗତି ସହିତ ପରାମର୍ଶ ସେବା ପାଇଁ ପ୍ରାଥମିକ ପନ୍ଥା ଆଲୋଚନା ହୋଇଥିଲା ।

## ଓଡ଼ିଶା ବନାଞ୍ଚଳ ପ୍ରକଳ୍ପର ନୂତନ କର୍ମକର୍ତ୍ତା

ନିମ୍ନଲିଖିତ ଅଧିକାରୀମାନେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପରିଚାଳନା ୟୁନିଟ୍‌ରେ ଯୋଗଦାନ କରିଛନ୍ତି ।

ଶ୍ରୀ ବିଜୟ କୁମାର ସ୍ୱାଇଁ, ଭା.ବ.ସେ. (SFS, 1987) ବନ ସଂରକ୍ଷକ ପଦବୀକୁ ଉନ୍ନୀତ ହୋଇ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ଭାବରେ ତା.୦୯.୧୦.୦୭ରିଖ ରେ ଯୋଗଦାନ କଲେ ।

ଶ୍ରୀ ଦେବୀଦତ୍ତ ବିଶ୍ୱାଳ, ଭା.ବ.ସେ. (RR - 1988) ବନ ସଂରକ୍ଷକ ପଦବୀକୁ ଉନ୍ନୀତ ହୋଇ ଯୁଗ୍ମ ପ୍ରକଳ୍ପ ନିର୍ଦ୍ଦେଶକ ଭାବରେ ତା.୨୬.୧୦.୦୭ରିଖ ରେ ଯୋଗଦାନ କଲେ ।

ଶ୍ରୀ ଏ.ସି. ଦିନାକର, ଭା.ବ.ସେ. (RR - 1989) ଉପ ପ୍ରକଳ୍ପ ନିର୍ଦ୍ଦେଶକ ଭାବରେ ତା.୧୯.୧୨.୨୦୦୭ରିଖ ରେ ଯୋଗଦାନ କଲେ ।

### କ୍ଷେତ୍ର ପରିବର୍ତ୍ତନ

୧. ଶ୍ରୀ ସୁଶୀଲ କୁମାର ପୋପଲି, ଭା.ବ.ସେ. (RR - 1982) ବନ ସଂରକ୍ଷକ ପଦବୀକୁ ଉନ୍ନୀତ ହୋଇ ଅନୁଗୁଳ ବନ ମଣ୍ଡଳର ବନ ସଂରକ୍ଷକ ଭାବରେ ତା.୨୪.୧୦.୨୦୦୭ରେ ଯୋଗ କଲେ ।

୨. ଶ୍ରୀ ରାମା ନାଗରାଜ ରେଡ୍ଡୀ, ଭା.ବ.ସେ (RR - 1982) ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏବଂ ବାରିପଦା ବନ ମଣ୍ଡଳର ବନ ସଂରକ୍ଷକ ଭାବରେ ତା.୦୭.୧୧.୨୦୦୭ରେ ଯୋଗଦାନ କଲେ ।

୩. ଶ୍ରୀ ମାନସ ରଞ୍ଜନ ଭଞ୍ଜ, ଭା.ବ.ସେ. (ପଶ୍ଚିମବଙ୍ଗ କ୍ୟାଡ଼ରରୁ ଡେପୁଟେସନ୍‌ରେ) ପାରଳାଖେମୁଣ୍ଡି ବନଖଣ୍ଡର ବନଖଣ୍ଡ ଅଧିକାରୀ ଭାବରେ ତା.୧୮.୦୯.୨୦୦୭ରେ ଯୋଗଦାନ କଲେ ।

ଓଡ଼ିଶା ବନସେବାରୁ ଭାରତୀୟ ବନସେବାକୁ ପଦୋନ୍ନତି ପାଇ ନିମ୍ନଲିଖିତ ଅଧିକାରୀମାନେ ଇନ୍ଦିରା ଗାନ୍ଧୀ ଜାତୀୟ ବନ ପ୍ରତିଷ୍ଠାନ, ଡେରାଡୁନରେ ତା.୦୬.୦୮.୨୦୦୭ରିଖ ରୁ ତା.୧୨.୧୦.୨୦୦୭ରିଖ ପର୍ଯ୍ୟନ୍ତ ଇଣ୍ଡକସନ୍ ପ୍ରଶିକ୍ଷଣ ନେଇଥିଲେ ।

୧. ଶ୍ରୀ ପ୍ରଭାକର ସେଠୀ, ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡ

୨. ଶ୍ରୀ ଅଭିଜିତ୍ କୁମାର ବେହେରା, ବନଖଣ୍ଡ ଅଧିକାରୀ, କୋରାପୁଟ ବନଖଣ୍ଡ

୩. ଶ୍ରୀ ରମେଶ ଚନ୍ଦ୍ର ସେଠୀ, ବନଖଣ୍ଡ ଅଧିକାରୀ, ବାଲିଗୁଡ଼ା ବନଖଣ୍ଡ










ଅକଟୋବର ୧୦-୧୧, ୨୦୦୭ରେ ରାଜ୍ୟ ଗୋଷ୍ଠୀ ବନ୍ୟ ସଂଘ, ଭାରତୀୟ ବନ ଶିକ୍ଷା ଓ ଗବେଷଣା ପରିଷଦ (ICFRE) ଏବଂ ବନ ପରିଚାଳନା ନିୟମ ପ୍ରଶିକ୍ଷଣ ଗୋଷ୍ଠୀ ଆନୁକୁଲ୍ୟରେ ଡେରାଡୁନ୍ ଠାରେ "ବନ ପରିଚାଳନାରେ ସଭ୍ୟ ସମାଜର ଭୂମିକା" ଉପରେ ଆୟୋଜିତ ଜାତୀୟ କର୍ମଶାଳାରେ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅରୁଣ କୁମାର ବଂଶଲ ଯୋଗଦାନ କରିଥିଲେ । ଉକ୍ତ କର୍ମଶାଳାକୁ ଭାରତ ସରକାରଙ୍କ ଜଙ୍ଗଲ ଓ ପରିବେଶ ରାଷ୍ଟ୍ରମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ନମୋନାରାୟଣ ମୀନା ଉଦ୍‌ଘାଟନ କରିଥିଲେ ।


ଭାରତୀୟ ବନ ପରିଚାଳନା ପ୍ରତିଷ୍ଠାନର ନିର୍ଦ୍ଦେଶକଙ୍କ ସହିତ ଶ୍ରୀଯୁକ୍ତ ବଂସଲ୍ "ଜଙ୍ଗଲ ପରିଚାଳନା" ଶୀର୍ଷକ ଆଲୋଚନାରେ ଅଧ୍ୟକ୍ଷତା କରିଥିଲେ ଏବଂ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଅଭିନବ ପଦ୍ଧତି ସହିତ ବନ ସଂରକ୍ଷଣ ସମିତିର ଆନୁଷ୍ଠାନିକରଣ ଉପରେ ତଥ୍ୟ ପ୍ରଦାନ କରିଥିଲେ ।




## ପ୍ରକାଶନ

ପ୍ରକଳ୍ପ ପରିଚାଳନା ୟୁନିଟ୍ ଦ୍ୱାରା ନିମ୍ନଲିଖିତ ପୁସ୍ତିକା ସଂକଳନ କରାଯାଇଛି ।


୧. ବନ ସଂରକ୍ଷଣ ସମିତି ପରିଚାଳନା ମାନୁଆଲ ।
୨. ବେସରକାରୀ ସଂଗଠନ ଲିଖିତ ବିବରଣୀ ପାଇଁ ନୀତି ଓ ନିୟମ ।
୩. ପ୍ରଶିକ୍ଷକଙ୍କ ପାଇଁ ମାନୁଆଲ ।
୪. ଅଣୁ ଯୋଜନା ପ୍ରସ୍ତୁତ ସୁଗମକାରୀଙ୍କ ପ୍ରଶିକ୍ଷଣ ସମ୍ବନ୍ଧରେ ବିବରଣୀ ।










ଜାପାନ ଆନ୍ତର୍ଜାତିକ ବ୍ୟାଙ୍କ ସହାୟତାପ୍ରାପ୍ତ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହି ତ୍ରୈମାସିକ ସୂଚନାପତ୍ର ସମସ୍ତ ଅଂଶୀଦାରମାନଙ୍କୁ ଉପଯୁକ୍ତ ସମୟରେ ପ୍ରକଳ୍ପ କାର୍ଯ୍ୟାବଳୀ ଉପରେ ତଥ୍ୟ ଯୋଗାଇଦେବ ।

ମତାମତ / ପ୍ରସ୍ତାବଦେବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ : **ରବୀନ୍ଦ୍ରନାଥ ସାହୁ,** ଭା.ବ.ସେ., ଉପନିର୍ଦ୍ଦେଶକ, E-mail : rnsahoo50@yahoo.com

**ପ୍ରକାଶକ :** ଓଡ଼ିଶା ବନାଞ୍ଚଳ ଉନ୍ନୟନ ସମିତି, ରାଜ୍ୟ ବନ୍ୟ ପ୍ରଶିକ୍ଷଣ ଓ ଗବେଷଣା କେନ୍ଦ୍ର ପରିସର, ଘାଟିକିଆ, ଭୁବନେଶ୍ୱର - ୭୫୧ ୦୦୩
ଫୋନ : ୦୬୭୪-୨୩୮୪୦୧୬, ଫ୍ୟାକ୍ସ - ୦୬୭୪-୨୩୮୪୦୮୫, E-mail : webmail@ofsdp.org, http:\\www.ofsdp.org

ମୁଦ୍ରାକାର : **ଜ୍ୟୋତିଗ୍ରାଫିକ୍ସ,** ଫୋନ - ୦୬୭୪-୨୫୪୪୨୦୯, E-mail : jyotigraphics@gmail.com